## ସଂକ୍ଷେପରେ

### ତରାପୁରରେ ଏକ୍ସ-ଲନ୍ ପ୍ରୋଗ୍ରାମ ଲୋକାର୍ପିତ

ଯାଜପୁର,୨।୨(ହର୍ଷବର୍ଦ୍ଧନ ବେହେରା)

ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟ ନେଇ ଏକ ଏକ୍ସ-ଲନ୍ ପ୍ରୋଗ୍ରାମ ତରାପୁରସ୍ଥିତ କଳିଙ୍ଗନଗର ପଲିଟେକନିକ କ୍ୟାମ୍ପସରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଆଲେକଜାଣ୍ଡାର ଦାସ ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କୁ ତାଙ୍କର ଆନୁଷ୍ଠାନିକ ପାଠ୍ୟକ୍ରମ ବ୍ୟତୀତ ଲକ୍ଷ୍ୟ ଅନୁଯାୟୀ ଦକ୍ଷତାଭିତ୍ତିକ ତାଲିମ ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଡିସିଏଫ୍‌ଓ କ୍ରିସେନ୍ଦୁ ଘୋଷ, ଷ୍ଟେଟ୍ ପ୍ରୋଜେକ୍ଟ ହେଡ୍ ବିକ୍ରମ କେଶରୀ ପରିଡ଼ା, କଳିଙ୍ଗନଗର ପଲିଟେକନିକର ପ୍ରିନ୍ସିପାଲ ବିଷ୍ଣୁ ଚରଣ ଦାସ, ଭାଇସ ପ୍ରିନ୍ସିପାଲ ସତ୍ୟବ୍ରତ ମହାରଣା, ଏକ୍ସ-ଲନ ଇନଚାର୍ଜ ସାଦେକା ଖାତୁନ, କେଏଚ୍‌ଏସ୍‌ଏସ୍‌ର ପ୍ରଶାସନିକ ଅଧିକାରୀ ମୋନାଲିସା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଦକ୍ଷତାଭିତ୍ତିକ ପାଠ୍ୟକ୍ରମ ଯଥା ଡ୍ରୋନ୍ସ, ଫଟୋଗ୍ରାଫି, ଡିଜିଟାଲ ମାର୍କେଟିଂ, ଭିଜୁଆଲ ଏଡିଟିଂ, ୱାୟାରିଂ, ସ୍ୱୋର୍ଟ୍ସ ଆଦି ବିଷୟରେ ପ୍ରଶିକ୍ଷକମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯିବ। ନିଜର ପାଠପଢ଼ା ସହିତ ଛାତ୍ରୀଛାତ୍ରମାନେ ଏହା ମାଧ୍ୟମରେ ତାଲିମ ନେଇପାରିବେ। କଳିଙ୍ଗନଗର ପଲିଟେକନିକ୍ ଏବଂ କଳିଙ୍ଗ ହାୟର୍ ସେକେଣ୍ଡାରୀ ସ୍କୁଲର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

ବରୀ,୨।୨(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଞ୍ଚଳର ଖବରଦାତା ଅରୁଣ ବେହେରାଙ୍କ ପିତା ନୀଳମଣି ବେହେରା(ଗୁରୁଜୀ)ଙ୍କ ୮୨ ବର୍ଷ ବୟସରେ ଶନିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୨ ପୁଅ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ ଓ ସ୍ନେହୀ ବ୍ୟକ୍ତି ଥିଲେ। ଅଞ୍ଚଳରେ ଗୁରୁଜୀ ଭାବେ ବେଶ ପରିଚିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାମ୍ବାଦିକ ଚୈତନ୍ୟ ଜେନା, ପ୍ରଶାନ୍ତ ଦ୍ୱିବେଦୀ, ପ୍ରତାପ ଦାସ, ମହେନ୍ଦ୍ର ସ୍ୱାଇଁ, ସତ୍ୟଜିତ ବାରିକ, ସ୍ନେହାଂଶୁ ମହାନ୍ତି, ପ୍ରଦୀପ ମହାରଣା, ସୁମନ କଲ୍ୟାଣ ଦାସ, ରଞ୍ଜିତ ମହାନ୍ତି, ଜିଲା ଯୁବ କଂଗ୍ରେସର ପୂର୍ବତନ ସଭାପତି ବିଶ୍ୱପ୍ରକାଶ ସାମଲ, ସାମାଜିକ କର୍ମୀ ମନୋଜ ସିଂ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ମରଶରୀରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଅନ୍ୟପକ୍ଷରେ ଏହି ମୃତ୍ୟୁ ଖବର ପାଇ ବିଧାୟକ ବିଶ୍ୱରଞ୍ଜନ ମଲିକ, ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ଓ ଯୁବ ସାମାଜିକ କର୍ମୀ ସଞ୍ଜୀବ ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଖୋଲାଯିବ ବୋରିଂ, ଗାଁରେ ବୁଲିବ ପାଣି ଟ୍ୟାଙ୍କର

## ପାନୀୟ ଜଳ ଯୋଗାଣ ପାଇଁ ଧର୍ମଶାଳା ବିଧାୟକଙ୍କ ଏକ୍ସପର୍ଟ ପ୍ଲାନ

କାଏମା,୨।୨(ଶିବପ୍ରସାଦ ମହାନ୍ତି):


ଅଧାପନ୍ତରିଆ ମେଗା ପାନୀୟ ଜଳ ପ୍ରକଳ୍ପ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ପୂର୍ବ ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁ ଏହି ଯୋଜନା ବିଫଳ ହୋଇଛି। ଫଳରେ ଅଞ୍ଚଳବାସୀ ବିଶୁଦ୍ଧ ପାଣି ଟୋପାଏ ପାଇବା ପାଇଁ ଡହଳବିକଳ ହେଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। ତେଣୁ ଏହି ସମସ୍ୟାର ସମାଧାନ ନିମନ୍ତେ ବିଧାୟକ ହିମାଂଶୁ ଶେଖର ସାହୁ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରିଥିବା ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହରେ ନିର୍ବାଚନମଣ୍ଡଳୀର କେହି ବ୍ୟକ୍ତି ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେବ ନାହିଁ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି, ନିର୍ବାଚନମଣ୍ଡଳୀର ଆବଶ୍ୟକ ପଞ୍ଚାୟତରେ ୨୨୦ରୁ ଊର୍ଦ୍ଧ୍ୱ ବୋରିଂ ଖୋଲାଯିବା ସହ ମେଗା ପ୍ରକଳ୍ପ ପାଣି ନ ପହଞ୍ଚିବା ପର୍ଯ୍ୟନ୍ତ ଗାଁଗାଁରେ ୮୦ରୁ୧୦୦ ପାଣି ଟ୍ୟାଙ୍କର ବୁଲି ପାନୀୟ ଜଳ ଯୋଗାଇ ଦେବ। ଏଥିନିମନ୍ତେ ଏକ୍ସପର୍ଟ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟନିମନ୍ତେ ପଞ୍ଚାୟତର ପିଇଓ ଏବଂ ସରପଞ୍ଚମାଙ୍କ ଦ୍ୱାରା ସର୍ଭେ କରାଯାଇ ସ୍ଥାନ ଚିହ୍ନଟ କରାଯାଉଛି। ବିଡିଓ, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଜିଲାପାଳ ଯାଞ୍ଚ କରିବା ପରେ ଏହି କାର୍ଯ୍ୟ ଆରମ୍ଭ କରାଯିବ।

ଅନ୍ୟପକ୍ଷରେ ନିର୍ବାଚନମଣ୍ଡଳୀର ଲୋକେ ଦୀର୍ଘବର୍ଷ ହେବ ଗ୍ରୀଷ୍ମ ଋତୁରେ ଜଳ କଷ୍ଟ ଭୋଗି ଆସୁଛନ୍ତି। ଲାକଙ୍କ ପାଇଁ କରାଯାଇଥିବା ବିଭିନ୍ନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କେଉଁଠି ବି ଠିକ ଭାବେ କାର୍ଯ୍ୟ କରୁନାହିଁ। ଏହାବ୍ୟତୀତ ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ବ୍ରାହ୍ମଣୀ ନଦୀକୂଳରେ ଏକ ବୃହତ ପାନୀୟ ଜଳ ପ୍ରକଳ୍ପ କରାଯାଇଛି। ୨୧୪ କୋଟି ଟଙ୍କା ବ୍ୟୟରେ ୨୦୧୯ରୁ ଏହାର କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ସୁଦ୍ଧା ଶେଷ ହେବା ପାଇଁ ସମୟ ଥିଲେ ସୁଦ୍ଧା ତାହା ଏ ପର୍ଯ୍ୟନ୍ତ ଶେଷ ହେଉନାହିଁ। ଏହି ପ୍ରକଳ୍ପ ଦ୍ୱାରା ବ୍ରାହ୍ମଣୀ ନଦୀରୁ ପାଣିକୁ ବିଶୁଦ୍ଧ କରି ଉକ୍ତ ବ୍ଲକର ପାଖାପାଖି ୪୨ ଟାଙ୍କିକୁ ପାଣି ପହଞ୍ଚାଇବା ପାଇଁ ଯୋଜନା ରହିଛି। ସେହିପରି ବ୍ଲକ ଅନ୍ତର୍ଗତ ଦେଓଦା ପଞ୍ଚାୟତର ଖପରାଡିଅ ଗ୍ରାମରେ ୫୦ରୁ ଅଧିକ ପରିବାରର ୨୨୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଏଠାରେ ପାନୀୟ ଜଳ ସମସ୍ୟା ଥିବାରୁ୧୦ବର୍ଷ ପୂର୍ବେ ଏକ ସରକାରୀ ନଳକୂପର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସେଥିରୁ ବାହାରୁ ଥିବା ପାଣିରେ ଆଇରନ ଥିବାରୁ ତାହା ପିଇବା ଉପଯୁକ୍ତ ହେଉନାହିଁ। ଫଳରେ କିଛି ଉପାୟ ନ ପାଇ ଗ୍ରାମବାସୀ ଖୋଲା କୂଅ ପାଣି ବ୍ୟବହାର କରୁଛନ୍ତି। ଖୋଲା ପାଣି ପିଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଉଥିଲେ ବି ବିଶୁଦ୍ଧ ପାଣି ଅଭାବରୁ ଜୀବନ ବଞ୍ଚାଇବା ପାଇଁ ସେମାନେ ଏହାକୁ ବ୍ୟବହାର କରୁଥିବା କହିଛନ୍ତି। ନିର୍ବାଚନମଣ୍ଡଳୀର ବଡ଼କାଏମା, ମିର୍ଜାପୁର, ପାଟପୁର, ଉତ୍ତରପ୍ରତାପ ଭଳି ଅଧାରୁ ଅଧିକ ପଞ୍ଚାୟତରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି।

ଏହାକୁ ନେଇ ବିଧାୟକ କହିଛନ୍ତି, ବିଗତ ସରକାରରେ ଅନେକ କମ୍ପାନୀ ପାଣି ଯୋଗାଇ ଦେବା ନିମନ୍ତେ ଟେଣ୍ଡର ନେଇ କାମ କରି ଆସୁଥିଲେ। ହେଲେ ସେମାନଙ୍କ ସମୟ ସୀମା ସରିବା ପରେ ବି ବିଗତ ସରକାରଙ୍କ ଅପାରଗତା କାରଣରୁ କାର୍ଯ୍ୟ ଶେଷ ହୋଇ ପାରିନାହିଁ। ତେଣୁ ଏହା ଉପରେ ଜିଲା ପ୍ରଶାସନ ସହ ୨୨ଥରରୁ ଅଧିକ ଆଲୋଚନା ହୋଇ ସାରିଲାଣି। ସମସ୍ତ କାଗଜ ପତ୍ର ଯାଞ୍ଚ ଚାଲିଛି। ଖୁବ୍‌ଶୀଘ୍ର ଅଧାପନ୍ତରିଆ ଥିବା ପ୍ରକଳ୍ପର କାର୍ଯ୍ୟ ଶେଷ କରାଯାଇ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ।

# ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

■ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଧର୍ମଶାଳା/ଜେନାପୁର,୨।୨ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):

ଜେନାପୁର ଥାନା ଅନ୍ତର୍ଗତ ଧର୍ମଶାଳା-କବାଟବନ୍ଧ ରାସ୍ତାର ଜେନାପୁରଠାରେ ଏକ ହାଇୱା ଧକ୍କାରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜେନାପୁର ଗ୍ରାମର ଶଙ୍କର୍ଷଣ ବଳ(୨୫)। ସେ ରାସ୍ତା ପାରିହେଉଥିବା ବେଳେ ନଂ.ଓଡି୦୯କେ୫୬୦୮ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କଟକ ଯିବାରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ କ୍ଷତିପୂରଣ ଦାବିରେ ଜେନାପୁରଠାରେ ଲୋକେ ରାସ୍ତା ଅବରୋଧ କରିଥିଲେ। ଜେନାପୁର ଥାନାଅଧିକାରୀ ନିରୁପମା ଜେନା ସଦଳବଳ ଘଟଣାସ୍ଥଳକୁ ଆସି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ସହ ଡ୍ରାଇଭର ଏହି ଥାନା ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୩୧।୨୫ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଆଇ ଚନ୍ଦନ ସାହୁ ଓ ଏଆର୍‌ଆଇ ଜଗବନ୍ଧୁ ଜେନା ମୃତ ଯୁବକଙ୍କ ପରିବାରକୁ ଭେଟି ରେଡ୍‌କ୍ରସ୍‌ରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।


ଦୁର୍ଘଟଣା ଘଟାଇଥିବା ହାଇୱା।

# ୪ରୁ କରଦା ହରିହାଟ ମେଳା, ୬ରୁ ମହୋତ୍ସବ


କରୋଦା ହରିହାଟ ମହୋତ୍ସବ ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କମିଟି ସଦସ୍ୟମାନେ।

ପାଣିକୋଇଲି,୨।୨(ବିକାଶ ମଲ୍ଲିକ):

ଆସନ୍ତା ୪ ତାରିଖରୁ ଆରମ୍ଭ ହେବ କରଦା ହରିହାଟ ମେଳା। ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ମହୋତ୍ସବ। ଚଳିତ ବର୍ଷ ଏହାକୁ ସରସ ସୁନ୍ଦର କରିବା ପାଇଁ ମେଳା ଓ ମହୋତ୍ସବ କମିଟି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ଆହୂତ ଗଣମାଧ୍ୟମ ସମ୍ମିଳନୀରେ ସୂଚନା ଦିଆଯାଇଛି। ମେଳା ଓ ମହୋତ୍ସବକୁ ଅତ୍ୟାଧୁନିକ ଭାବେ କରାଯିବା ସହ ପାଣିକୋଇଲି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କରଦା ଗ୍ରାମ ପଞ୍ଚାୟତ, କୋରେଇ ପତ୍ରକାର ସଂଘ, ବିଭିନ୍ନ ସାମାଜିକ ସଂଗଠନ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ୪ ତାରିଖରୁ ଯଜ୍ଞ, ନାମଯଜ୍ଞ ଅନୁଷ୍ଠିତ ହେବ। ମେଳା ପାଇଁ ସାଧୁସନ୍ଥ ସମ୍ମିଳନୀ ସହ ବିଭିନ୍ନ ଷ୍ଟଲ, ଦୋଳି, ମୀନାବଜାର କରାଯିବ। ମହୋତ୍ସବରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବଛାବଛା ନୃତ୍ୟଦଳ ନୃତ୍ୟ ପରିବେଷଣ କରିବେ। ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଶାର କଳା, ଐତିହ୍ୟ, ସଂସ୍କୃତି ସମ୍ବନ୍ଧରେ ଆଲୋଚନା କରାଯିବ। ପଲ୍ଲିଶ୍ରୀ ମେଳା, ସରକାରୀ ଓ ବେସରକାରୀ ବିପଣୀ ବସିବ। ଓଡ଼ିଆ ସିନେ ତାରକା ଓ ଗାୟକ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ମଠାଧିଶ ବାବା କୃଷ୍ଣଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ମେଳା କମିଟି ସଭାପତି ଚିନ୍ତାମଣି ବେହେରା, ଗଣେଶ ଚନ୍ଦ୍ର ସାହୁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ମହୋତ୍ସବ କମିଟି ସଭାପତି ପ୍ରଦୀପ୍ତ ପଣ୍ଡା, ପ୍ରମୋଦ ମହାପାତ୍ର, ବିଶ୍ୱନାଥ ପଣ୍ଡା, ଅପେରା ପାର୍ଟି ସଭାପତି ଜନାର୍ଦ୍ଦନ ସେନାପତି, ପ୍ରଶନ୍ନ ବେହେରା, ନବଘନ ପଣ୍ଡା ଓ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତା ଯୋଗ ଦେଇଥିଲେ। ମହୋସବ କମିଟି ମୁଖ୍ୟ ପ୍ରମୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ରଥିଆ ଗାଁ ସମସ୍ୟା ସମାଧାନ ଦାବି

ଧର୍ମଶାଳା,୨।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ରଥିଆ ଗାଁର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେମାନେ ଏ ସମ୍ପର୍କିତ ୫ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଗ୍ରାମର ବରିଷ୍ଠ ନାଗରିକ ଅକ୍ଷୟ ରାଉତ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ୧୬ନମ୍ବର ଜାତୀୟ ରାଜପଥ ନିର୍ମାଣ ସମୟରେ ଗାଁ ସମ୍ମୁଖ ନୟନଜୋରି ପୋତି ହୋଇଯାଇଛି। ଏହାର ପୁନରୁଦ୍ଧାର କରାଯାଇ ଜଗନ୍ନାଥ ପେଟ୍ରୋଲ ପମ୍ପ ନିକଟରେ ଅଟକିଥିବା ପାଣି ସ୍ରୋତକୁ ପ୍ରବାହିତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପର ରଥିଆ(ଭୋଇ ସାହି) ନିକଟ ବାଇପାସ୍ ରାସ୍ତା(ରୋଡ୍ କଟିଂ)କୁ ବନ୍ଦ କରି ଦିଆ ଯାଇଥିବାରୁ ଗ୍ରାମବାସୀ ଶଙ୍ଖାରିଡ଼ିହ ଛକରୁ ୨କିମି ଦୂର ରଙ୍ଗରୁଟ୍‌ରେ ଯାତାୟାତ କରୁଛନ୍ତି। ଗାଁଠାରୁ ଦେଢ଼ କିମି ଦୂର ନେଉଳପୁର ଗଳିପୋଲ ଦେଇ ଯାତାୟତ କରୁଛନ୍ତି। ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇ ବହୁ ଧନଜୀବନ ନଷ୍ଟ ହେଉଛି। ସ୍ଥାନୀୟ ଚାଷୀ ମଧ୍ୟ ରାସ୍ତା ଅପର ପାର୍ଶ୍ୱରେ ଥିବା ଚାଷ ଜମିକୁ ଯିବାପାଇଁ ନିରାପଦ ମଣୁ ନାହାନ୍ତି। ତେଣୁ ଏଠାରେ ଏକ ଗଳିପୋଲ କରିବାକୁ ଦାବି ହୋଇଛି। ଭୋଇସାହି ଗାଁମୁଣ୍ଡ ରାଜପଥ ପାର୍ଶ୍ୱରେ ଥିବା ପୋଖରୀର ପୁନରୁଦ୍ଧାର ସହ ଏହାର ଚତୁଃପାର୍ଶ୍ୱକୁ କଂକ୍ରିଟ୍ କିମ୍ବା ପଥର ବନ୍ଧ କରାଯାଇ ପାହାଚ ନିର୍ମାଣ କରାଗଲେ ସର୍ବସାଧାରଣ ଉପକୃତ ହୋଇ ପାରିବେ ବୋଲି କୁହାଯାଇଛି। ଗାଁର ଗରିବ ଲୋକଙ୍କ ଘରେ ପାଇଖାନା ନ ଥିବାରୁ ଦୁଇଟି ଗୋଷ୍ଠୀ ପାଇଖାନା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀ ପ୍ରଧାନମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ ବିଧାୟକ, ଧର୍ମଶାଳା ବିଧାୟକ ଓ ଗଙ୍ଗାଧରପୁର ସରପଞ୍ଚଙ୍କୁ ଲିଖିତ ଭାବେ ଅବଗତ କରିଥିଲେ ମଧ୍ୟ କେହି ସେମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ରାଉତ ଅଭିଯୋଗ କରିଛନ୍ତି।

# ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ପାଣିକୋଇଲି,୧।୨(ବିକାଶ ମଲ୍ଲିକ):

ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକଶ ଦାସନାୟକ, ମୁଖ୍ୟବକ୍ତାଭାବେ ଯାଜପୁର ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ସମ୍ମାନୀତ ଅତିଥି ଭାବେ କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ସମିତିସଭ୍ୟା ସୁଜାତା ଘଡ଼ାଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ପହି ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ସୁଚରିତା ଲେଙ୍କା ବିବରଣୀ ପାଠ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଅତିଥିଙ୍କ ଦ୍ୱାରା ପାଣିକୋଇଲିରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଫୁଲ୍ଲ ବେହେରା, କାହ୍ନୁ ଚରଣ ନାୟକ, ପ୍ରକାଶ ବିଶ୍ୱାଳ, ସେକ ତାହୁର, ସୁରେନ୍ଦ୍ର ସାହୁ, ପଙ୍କଜ ସାହୁ, ପ୍ରମୋଦ କୁମାର ମିଶ୍ର, ଶିକ୍ଷୟିତ୍ରୀ ଅମ୍ବିକା ନନ୍ଦ, କଳ୍ପନା ପଣ୍ଡା, ହେନାରାଣୀ ଦେହୁରୀ, ଶୁଭଶ୍ରୀ ମଲ୍ଲିକ, ଅର୍ଚ୍ଚନା ମହାନ୍ତି ଓ କର୍ମଚାରୀ ସୁକାନ୍ତ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।


ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ସୋନିଆ, ରାହୁଲଙ୍କ କୁଶପୁତ୍ତଳିକା ଦାହ

ସିଂହପୁର,୨।୨(ଅନଙ୍ଗ ଉଦୟ ବେଉରିଆ):

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଦେଇଥିବା ଅପମାନ ଜନକ ମନ୍ତବ୍ୟକୁ ନେଇ ବିଭିନ୍ନ ସ୍ଥାନରେ ଭାଜପା କର୍ମୀ ପ୍ରତିବାଦ କରିବା ସହ ସୋନିଆ ଓ ରାହୁଲଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି। ବିଞ୍ଝାରପୁର ଭାଜପା ପକ୍ଷରୁ ବବିତା ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକାଠି ହୋଇ କଂଗ୍ରେସ ବରୋଧରେ ନାରାବାଜି କରିବା ସହ ସୋନିଆ ଓ ରାହୁଲଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏଥିରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ଭାଜପା ସଂଯୋଜକ ନିରଞ୍ଜନ ହେଉରିଆଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।


ଭାଜପା କର୍ମୀମାନେ କୁଶପୁତ୍ତଳିକା ଦାହ କରିବାକୁ ଆସିଛନ୍ତି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା

ଯାଜପୁର ଟାଉନ,୨।୨(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ରବିବାର ସରସ୍ୱତୀଙ୍କ ପୂଜା ପାଳିତ ହୋଇଯାଇଛି। ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟର ବିଭିନ୍ନ ସ୍ନାତକୋତ୍ତର ବିଭାଗରେ ମା'ଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। କଲେଜର ବିଜ୍ଞାନ ଭବନରେ ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ଦିବ୍ୟଲୋଚନ ସିଂହ ଉପସ୍ଥିତ ରହି ପୂଜା ସମାପନ କରିଥିଲେ। ଦର୍ଶନ ବିଭାଗରେ ଶ୍ରାବଣୀ ଅଳ୍ପନା, ନ୍ୟୁ ପିଜି ଛାତ୍ରନିବାସ, ବିଏମପି ଛାତ୍ରନିବାସ, ବୈତରଣୀ ଛାତ୍ରୀନିବାସରେ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ସହରର କଲେଜଛକ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଅଶୋକ ମିଶ୍ର, ଲିସିୟମ୍ ଆବାସିକ ବିଦ୍ୟାଳୟର ନିତ୍ୟାନନ୍ଦ ମିଶ୍ରଙ୍କ ଉପସ୍ଥିତରେ ପୂଜା ପାଳନ କରାଯାଇଥିଲା।

# ଗ୍ରୀନ୍‌ଲ୍ୟାଣ୍ଡ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ଗ୍ରୀନଲ୍ୟାଣ୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଝୁମ୍ପୁରୀ,୨।୨(ସରୋଜ ନାୟକ):

ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁରସ୍ଥିତ ଗ୍ରୀନଲ୍ୟାଣ୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ସୁରଥ ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟବକ୍ତାଭାବେ ଜିଲା ଭାଜପା ସଭାପତି ଗୌତମ ରାୟ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଆଲୋକ କୁମାର ଗଣ୍ଡ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଅନ୍ନଦା ପ୍ରସାଦ ରଣା, ପରିଚାଳନା କମିଟି ସଭାପତି ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଂଗୀତ ଏବଂ ଡ୍ରାମା ଆଦି ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ପ୍ରିନ୍ସିପାଲ ଅଳ୍ପନା ଯେନା, ଶିକ୍ଷକ ଚକ୍ରଧର ବିଶ୍ୱାଳ, ରାଜକିଶୋର ସାହୁ, ରଜତ ଦଳାଇ, ସ୍ମୃତିସାଗର ସେନାପତି, ଚକ୍ରଧର ବିଶ୍ୱାଳ, ରମେଶ ଜେନା, ପ୍ରଦୀପ ନାୟକ, ଶିକ୍ଷୟିତ୍ରୀ ନୀଳିମା ପଲାଇ, ଶତାବ୍ଦୀ ବାରିକ, ସଂଘମିତ୍ରା ସାମଲ, ପ୍ରତୀକ୍ଷା ସାମଲ, ପ୍ରଭାସିନୀ ନାୟକ, ବିଶ୍ୱରୂପା ଦାସ, ସୁଶ୍ରୀସଙ୍ଗୀତା ମହଲା, ଶୁଭଶ୍ରୀ ବେହେରା, ବୁଲିସ୍ତାନ ପର୍ବିନ, ଭଗବତୀ ରଥ ଓ ମଞ୍ଜୁଲତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଜୈବିକ ଖତ ଉତ୍ପାଦନ କରି ଯୁବଚାଷୀ ହତାଶ

ବରୀ,୨।୨(ମହେନ୍ଦ୍ର ସ୍ୱାଇଁ):


ଜୈବିକ ଖତ ଉତ୍ପାଦନ କରୁଥିବା ଚାଷୀ ଜ୍ୟୋତିକାନ୍ତ ମହାପାତ୍ର।

କେନ୍ଦ୍ର ଓ ରାଜ୍ୟ ସରକାର ଜୈବିକ ପ୍ରଣାଳୀରେ ଫସଲ ଅମଳ କରିବାକୁ କୃଷକମାନଙ୍କୁ ପରାମର୍ଶ ଦେଉଛନ୍ତି। ହେଲେ ବାସ୍ତବରେ ଏହା ଦିଗହରା ହେଉଛି ବୋଲି ଜୈବିକ ଖତ ପ୍ରସ୍ତୁତ କରୁଥିବା ବରୀ ବ୍ଲକ ଅଟିରା ପଞ୍ଚାୟତ ଅରୁଆଳ ଗ୍ରାମର ଯୁବଚାଷୀ ଜ୍ୟୋତିକାନ୍ତ ମହାପାତ୍ର ଅଭିଯୋଗ କରିଛନ୍ତି। ସେ ଜୈବିକ ଖତ ପ୍ରସ୍ତୁତ କରିବା ପରେ ଏହାର ଅଭାବୀ ବିକ୍ରିର ସମ୍ମୁଖୀନ ହେବା ସହ ହତାଶ ହୋଇଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ ଓ ବରୀ ବ୍ଲକ କୃଷି ବିଭାଗ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରିଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି। ବ୍ଲକ କୃଷି କାର୍ଯ୍ୟାଳୟଠାରୁ ମାତ୍ର ୩କିମି ଦୂରରେ ଜ୍ୟୋତିକାନ୍ତ ଜୈବିକ ଖତ ପ୍ରସ୍ତୁତି କରୁଛନ୍ତି। ହେଲେ ତାଙ୍କ ଉପରେ ବିଭାଗର ନଜର ନ ପଡ଼ିବା ଦୁଃଖ ଓ ପରିତାପର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି। ଜ୍ୟୋତିକାନ୍ତ ଲଙ୍କା, ଟମାଟୋ, ବାଇଗଣ, କଲରା, ଭେଣ୍ଡି, ଜହ୍ନି, କାକୁଡି, ବିମ୍ବ, ଝୁଡ଼ଙ୍ଗ, ଆଳୁ, କଖାରୁ, ଗେଣ୍ଡୁ, ଗୋଲାପ ଆଦି ଚାଷ କରି ଜୈବିକ ଖତ ବ୍ୟବହାର କରୁଛନ୍ତି। ତେବେ ଜୈବିକ ଖତ ବ୍ୟବହାର ସମ୍ପର୍କରେ କୃଷି ବିଭାଗ ତରଫରୁ ଚାଷୀଙ୍କୁ ଅବଗତ କରାଗଲେ ଜ୍ୟୋତିକାନ୍ତଙ୍କ ସମସ୍ୟା ସାମାଧନ ହୋଇପାରିବ ଓ କୃଷକ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ବ୍ଲକ୍ କୃଷି ବିଭାଗ ଅଧିକାରୀ ଜ୍ୟୋର୍ତିମୟୀ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଜୈବିକ ଖତ ଉତ୍ପାଦନ କରୁଥିବା ଚାଷୀଙ୍କ ନିକଟରେ ପହଞ୍ଚି ଆଲୋଚନା କରିବେ ଏବଂ କିଭଳି ଜୈବିକ ଖତକୁ ଅନ୍ୟ କୃଷକ ବ୍ୟବହାର କରିବେ ସେ କ୍ଷେତ୍ରରେ ଗୁରୁତ୍ୱ ଦେବେ।

# କଳବଳ କଲେଣି ମଶା: ଦମନ ପାଇଁ ନାହିଁ ବ୍ୟବସ୍ଥା

**ପଟ୍ଟାମୁଣ୍ଡାଇ, ୨।୨ (କଳ୍ପତରୁ ନାୟକ)**



- ପଟ୍ଟାମୁଣ୍ଡାଇ ପୌରସଂସ୍ଥା ଉଦ୍ୟମ ସମୁଦ୍ରକୁ ଶଙ୍ଖେ
- ନାଳ ଅଳିଆ ଆବର୍ଜନାରେ ଭର୍ତ୍ତି
- ସଫା ହେଉନି ପରିତ୍ୟକ୍ତ ଜଳାଶୟ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ମଶା କଳବଳ କଲେଣି। ଦିନକୁଦିନ ଏମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଏମାନଙ୍କୁ ନିୟନ୍ତ୍ରଣ କରିବାକୁ ପୌରସଂସ୍ଥା କରୁଥିବା ଉଦ୍ୟମ ସମୁଦ୍ରକୁ ଶଙ୍ଖେ ହେଉଛି। ଦିନରାତି ସବୁବେଳେ ମଶା କାମୁଡୁଛନ୍ତି। ଘରେ ହେଉ କି ବାହାରେ, କେଉଁଠି ବି ମଶାଙ୍କ ଦାଉରୁ ନିସ୍ତାର ମିଳୁନି। ୨୪ ଘଣ୍ଟା ଧରି ମଶାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଏହାର ନିରାକରଣ ଦିଗରେ ପୌର ପରିଷଦ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମଶା କାମୁଡ଼ା ଯୋଗୁ ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ ଭଳି ରୋଗ ଭୟ ସୃଷ୍ଟି ହୋଇଛି। ମଶାବଂଶ ନିପାତ କରିବା ଅଭିଯାନ ଯଦି ବ୍ୟାପକ କରା ନ ଯାଏ ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

ସାମାଜିକ କର୍ମୀ ଉପେନ୍ଦ୍ର ନାୟକ, ରବୀନ୍ଦ୍ର ଭଞ୍ଜ, ପ୍ରେମାନନ୍ଦ ପଣ୍ଡା ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ନିକଟରେ ପୋତା ଗୋବରୀ ନଦୀ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଅନେକ ୱାର୍ଡରେ ଡ୍ରେନ, ନାଳଗୁଡିକ ସଫା ନ ହୋଇ ନର୍ଦ୍ଦମାରେ ପରିଣତ ହୋଇଛି। ସେହି ସମସ୍ତ ଜାଗାଗୁଡ଼ିକ ମଶାଙ୍କ ଜନ୍ମସ୍ଥଳ ପାଲଟିଛି। ପୌରାଞ୍ଚଳରେ ଦୀର୍ଘଦିନ ହେଲା ମଶା ଔଷଧ ଛିଞ୍ଚା କି ନାଳ ନର୍ଦ୍ଦମାରେ ମଶାତେଲ ମଧ୍ୟ ପକା ଯାଉନାହିଁ। ମାସେ ୨ମାସରେ କେବଳ ମଶା ଧୂଆଁ ଦିଆଯାଉଛି। କିନ୍ତୁ ତାହା କେବଳ ମୁଖ୍ୟ ରାସ୍ତାରେ ହେଉଥିବାରୁ ଗଳିକନ୍ଦିରେ ମଶାଙ୍କ ଦାଉ ବଢୁଛି। ଟିକିଏ ଛିଡ଼ା ହେଲେ କାମୁଡ଼ି ପକାଉଛନ୍ତି। ଧୂଆଁ କି ନାମୀ ବ୍ରାଣ୍ଡର ମଶା ଅଗରବତୀ କାଟୁକରୁନି। ସନ୍ଧ୍ୟା ହେଉ ହେଉ ଝରକା, କବାଟ ବନ୍ଦ କରି ଘରେ ରହିବାକୁ ଲୋକେ ବାଧ୍ୟ ହେଉଛନ୍ତି। ଲୋକଙ୍କ ଅଭିଯୋଗ ହେଉଛି, ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପଡ଼ୁଥିବା ଆବର୍ଜନା ଓ ନାଳନର୍ଦ୍ଦମା ବହୁଦିନ ହେବ ସଫା ହୋଇନାହିଁ। ଅନେକ ପରିତ୍ୟକ୍ତ ଜଳାଶୟ ବି ମଶାବଂଶ ବୃଦ୍ଧି ପାଇଁ ପ୍ରକୃଷ୍ଟ ସ୍ଥାନ ପାଲଟିଛି। ପୌର ପରିଷଦ ପକ୍ଷରୁ କୌଣସି ପ୍ରତିଷେଧମୂଳକ ବ୍ୟବସ୍ଥା ନିଆଯାଉନାହିଁ। ଏହିସବୁ ପରିତ୍ୟକ୍ତ ଜଳାଶୟରେ ମଶା ତେଲ ଛିଞ୍ଚିବା ଓ ମଶା ଲାର୍ଭା ଖାଉଥିବା ଗମ୍ବୁସିଆ ମାଛ ଛାଡ଼ିବା ନେଇ ବାରମ୍ବାର ଦାବି ହୋଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସହରର ବହୁ ସ୍ଥାନରେ ଆବର୍ଜନା ପରିବେଶ ଯୋଗୁ ମଶା ବଢୁଥିବା ବେଳେ ବ୍ୟବସ୍ଥିତ ଭାବେ ଡ୍ରେନ୍ ନିର୍ମାଣ କରାଯାଇନି। ସହରବାସୀ ମଶାଙ୍କ ପ୍ରାଦୁର୍ଭାବ ଯୋଗୁ ଅତିଷ୍ଠ ହୋଇ ପଡ଼ିଲେଣି। ବିଶେଷଜ୍ଞ ଆର୍ତ୍ତତ୍ରାଣ ପାତ୍ରଙ୍କ କହିବା କଥା, ମଶା ଧୂଆଁ କେବଳ ଧର୍ମକୁ ଆଖିଠାର। ସମଗ୍ର ଅଞ୍ଚଳରେ ଏକ ସମୟରେ ଧୂଆଁ ଛାଡ଼ିଲେ ଯାଇ ଏହା ସଫଳ ହେବ। କିନ୍ତୁ ଏଭଳି କରିବା ସମ୍ଭବ ନୁହେଁ। ମଶା ଧୂଆଁ ସହ ସେମାନଙ୍କ ଉତ୍ପତ୍ତି ସ୍ଥଳରେ ମଶାମରା ତେଲ ଓ ଗମ୍ବୁସିଆ ମାଛ ଛାଡ଼ିବା ଭଳି ଏକାଧିକ ପଦକ୍ଷେପ ନିଆଗଲେ ଏ ସମସ୍ୟାରୁ ମୁକ୍ତି ମିଳିପାରିବ। ଏ ସମ୍ପର୍କରେ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁଙ୍କୁ ପଚାରିବାରେ ପୌର ପରିଷଦ ପକ୍ଷରୁ ଡ୍ରେନ୍‌ଗୁଡ଼ିକ ସଫା କରାଯାଉଛି। ମଶା ଧୂଆଁ ସ୍ପ୍ରେ ହେଉଛି। ସେହି କାମରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଆଣ୍ଟି ଲାର୍ଭା ତେଲ ମଧ୍ୟ ପକାଯାଉଛି। ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ମଙ୍ଗଳା କ୍ଲବ ଚାମ୍ପିୟନ



ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**କେନ୍ଦ୍ରାପଡ଼ା, ୨।୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆରେ ଅବଦୁଲ କରିମ ଖାନ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ରବିବାର ଫାଇନାଲ ଖେଳ ହୋଇଯାଇଛି। ଫକିରାବାଦସ୍ଥ ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ମ୍ୟାଚରେ କଟକ ଜିଲାର ମଙ୍ଗଳା କ୍ଲବ କଟକ ଚାମ୍ପିୟନ ହୋଇଛି। ଏଥିପାଇଁ ଆୟୋଜକ କ୍ଲବର ସଭାପତି ସଲିମ ଖାନଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ସେଠୀ, ଭାଜପା ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ରଞ୍ଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବିଜୟୀ କ୍ଲବକୁ ଟ୍ରଫି ଓ ରନର୍ସ ଅପ କ୍ଲବକୁ ଟ୍ରଫି ପ୍ରଦାନ କରିଥିଲେ। ସେମିଫାଇନାଲ ମଙ୍ଗଳା କ୍ଲବ ଖେଳାଳି ଶୁଭମ ସାହୁ, ଶ୍ରେଷ୍ଠ ଖେଳାଳି ସୁନିଲ ସୋରେନ, ସତ୍ୟ ପ୍ରକାଶ ପ୍ରଧାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ରେଫରି ସୁକାନ୍ତ ସିଂ, ପ୍ରଦୀପ୍ତ କୁମାର ମହାନ୍ତି, ମହମ୍ମଦ ସାକଲିନ ଓ ସେକ ମୋକିମ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ କ୍ଲବ କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ ସହ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ।

# ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ଧାନମଣ୍ଡି ପରିଦର୍ଶନ




**ରାଜକନିକା, ୨।୨ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)**

ଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଜକନିକା ବ୍ଲକର ଭାଗିଗଦା, କଣ୍ଟାପଡ଼ା, ବଡ଼ାଗର, କୋରନ୍ଦ ଆଦି ଧାନମଣ୍ଡିକୁ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶର ସାହୁ ପରିଦର୍ଶନ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଧାନମଣ୍ଡିପରିଦର୍ଶନ ସମୟରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉପସ୍ଥିତ ଚାଷୀମାନେ ଧନ୍ୟବାଦ ଜଣାଇଥିଲେ। ମୋହନ ସରକାର ଓଡ଼ିଶାରେ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବାକୁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଯେଉଁମାନେ ଧାନ କିଣା କାରବାରରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ସାହୁ ଚେତାବନୀ ଦେଇଛନ୍ତି। ଯେଉଁଠାରେ ଧାନ କିଣା କାରବାରରେ ଅଭିଯୋଗ ଆସୁଛି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲା ଧାନମଣ୍ଡି ପରିଦର୍ଶନ ସମୟରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଧାନମଣ୍ଡିଗୁଡ଼ିକରେ ଚାଷୀମାନଙ୍କ ବିଶ୍ରାମ, ପିଇବା ପାଣି, ଶୌଚ ପାଇଁ ପାଇଖାନା ନ ଥିବା ଆଦି ଦେଖିବାକୁ ମିଳିଥିଲା। ଧାନକୁ ସୁରକ୍ଷିତ ରଖିବାକୁ ପଲିଥିନର ବ୍ୟବସ୍ଥା ନ ଥିବା ରାଜ୍ୟ ସଭାପତି ସାହୁ ପରିଦର୍ଶନ ସମୟରେ ଦେଖିବାକୁ ପାଇଥିଲେ। ଯାଜପୁର ଜିଲାରେ ହେଉଥିବା ସହଳ କିସମ ଦେଶୀ ନାଲିଆ ଧାନକୁ ମିଲରମାନେ ନେଉ ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରସାଦ ପ୍ରଧାନ, ଭକ୍ତବନ୍ଧୁ ମିଶ୍ର, ଅନନ୍ତ କୁମାର ରଥ, ବିଚିତ୍ର କୁମାର ପ୍ରଧାନ, ପ୍ରକାଶ କୁମାର ମିଶ୍ର, ଦୀପକ କୁମାର ମଲ୍ଲିକ, ପ୍ରକାଶ ଚନ୍ଦ୍ର ନାୟକ, ସଞ୍ଜୟ କୁମାର ରାଉତ, ପ୍ରଦୀପ କୁମାର ବିନୋଦ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ସୁନା ଦୋକାନ ଲୁଟ୍ ଉଦ୍ୟମ, ଦୁର୍ବୃତ୍ତଙ୍କୁ ମାଡ଼ିବସିଲେ ଲୋକେ

**ଆଳି, ୨।୨ (ବନମାଳୀ ସେନାପତି)**





୨ ବନ୍ଧୁକ ସହ ମାରଣାସ୍ତ୍ର ଜବତ

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ସିଙ୍ଗିରି ବଜାରଠାରେ ଥିବା ଦୁର୍ଗାମାଧବ ଅଳଙ୍କାର ଦୋକାନର ପଛପଟ କାନ୍ଥ ଦୁର୍ବୃତ୍ତମାନେ ଖୋଲୁଥିବା ବେଳେ ନିକଟରେ ଥିବା କେତେଜଣ ଯୁବକ ସରସ୍ୱତୀ ପୂଜା ଲାଗି ସାଜସଜ୍ଜା କରୁଥିଲେ। ସେମାନେ ଏଭଳି ଶବ୍ଦ ଶୁଣି ଦୋକାନ ପଛପଟକୁ ଯାଇଥିଲେ। ଯୁବକମାନେ ପଛପଟକୁ ଯିବାବେଳେ ଦୋକାନ କାନ୍ଥ ଖୋଲୁଥିବା ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଜଣେ ଦୁର୍ବୃତ୍ତ ନିକଟରେ ଥିବା ଏକ ପୋଖରୀରେ ପଡ଼ି ଯାଇଥିଲେ। ଦୁର୍ବୃତ୍ତଙ୍କୁ ଯୁବକମାନେ ଧରି ପୋଲିସକୁ ଖବର ଦେଇଥିଲେ। ଏଥିସହ ଦୋକାନ ମାଲିକ, ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଓ ପୋଲିସ ପହଞ୍ଚି ଥିଲେ। ଯୁବକମାନେ କାବୁ କରିଥିବା ଦୁର୍ବୃତ୍ତଙ୍କ ନିକଟରେ ଥିବା ବ୍ୟାଗରୁ ୨ଟି ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ପୋଲିସକୁ ଦେଇଥିଲେ। ଶୁକ୍ରବାର ରାତିରେ ବାଲିସାହି ଗ୍ରାମରେ ସିରିଜ ଡକାୟତିରେ ଦୁର୍ବୃତ୍ତମାନେ ଘରେ ପଶି ପ୍ରାୟ ୧୨ ଲକ୍ଷ ଟଙ୍କା ଲୁଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଆଳି ଅଞ୍ଚଳରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ପ୍ରତିଦିନ ଚୋରି, ଡକାୟତି ବଢ଼ି ଚାଲିଥିବା ବେଳେ ସାଧାରଣ ଲୋକଙ୍କଠାରୁ ବ୍ୟବସାୟୀ ସମସ୍ତେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ତୁରନ୍ତ ଏଥିପ୍ରତି ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ପୋଲିସ ପାଟ୍ରୋଲିଂ ଅଭାବରୁ ବାରମ୍ବାର ଚୋରି ବୃଦ୍ଧି ପାଉଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

# ରବି ସାର୍‌ଙ୍କ ଜୀବନାଦର୍ଶନ ବେଶ୍ ପ୍ରେରଣାଦାୟୀ

**ରାଜକନିକା, ୨।୨ (ସଞ୍ଜୟ କୁମାର ଦାଶ)**

କନିକା ଉଚ୍ଚ ବିଦ୍ୟାଳୟ ଆୟତନରେ ରବି ସାର୍ ଶିକ୍ଷାଦାନ ସହ ଜୀବନାଦର୍ଶନ ବେଶ ପ୍ରେରଣା ଦାୟୀ ବୋଲି ବିଶିଷ୍ଟ କମ୍ୟୁନିଷ୍ଟ ନେତା କାଳୀପ୍ରସାଦ ନାୟକ ମତପ୍ରକାଶ କରିଛନ୍ତି। ରାଜକନିକା ଅଞ୍ଚଳର ଆଦର୍ଶ ଶିକ୍ଷକ ରବି ନାରାୟଣ ବେହେରାଙ୍କ ଏକାଦଶାହ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ହୋଇଯାଇଛି। ରବିବାର ତେନ୍ତୁଳିକୋଳିଠାରେ ଅନୁଷ୍ଠିତ ସ୍ମୃତିସଭାରେ ପ୍ରଥମେ ଏକ ମିନିଟ ପାଇଁ ନୀରବ ପ୍ରାର୍ଥନା କରାଯିବା ପରେ ତାଙ୍କ ସ୍ମୃତିରେ ପ୍ରକାଶିତ ଶ୍ରଦ୍ଧାଞ୍ଜଳି ପୁସ୍ତକ ପୁଣ୍ୟ ରବି ଉନ୍ମୋଚନ କରାଯାଇଥିଲା। ସୁକାନ୍ତ ଦାଶଙ୍କ ପରିଚାଳନା ଓ ରାଜକିଶୋର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଦାମୋଦର ଧଳ, ଗଙ୍ଗାଧର ମଲିକ, କଥାକାର ହରେକୃଷ୍ଣ ବାରିକ, ଶରତ କୁମାର ନାୟକ, ପ୍ରମିଳା ମଲିକ, ସିପିଆଇ(ଏମ୍‌ଏଲ୍) ଜିଲା ସମ୍ପାଦକ ବିଧାନ ଦାସ, ସିପିଆଇଏମ୍ ଜିଲା ସମ୍ପାଦକ ଗୟାଧର ଧଳ, ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସ୍ମୃତି ଚାରଣ କରିଥିଲେ। ପରଲୋକଗତ ରବି ସାରଙ୍କ ପରିବାର ପକ୍ଷରୁ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସ୍ତ୍ରୀ ଲକ୍ଷ୍ମୀପ୍ରିୟା, ବୋହୂପୁଅ, ଝିଅଜ୍ୱାଇଁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଝିଅ ରଞ୍ଜୁବାଳା ଓ ନାତୁଣୀନାତିଙ୍କ ସହ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ।

# ଶିକ୍ଷାର ପ୍ରସାର ଦିଗରେ ବୈକୁଣ୍ଠନାଥ ମହାଦ୍ରୁମ ଥିଲେ

**ନାଉଗାଁ, ୧।୨ (ସୁଧା ବେହୁରା)**



ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ଜନ୍ମ ଶତବାର୍ଷିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଲୁମିନି ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିଳ୍ପ, ଦକ୍ଷତା, ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଯୋଗ ଦେଇ କାର୍ଯ୍ୟକ୍ରମରେ ସାମିଲ ହୋଇପାରିଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେ କରୁଥିବା କହିଥିଲେ। ଯେଉଁ ସମୟରେ ଉକ୍ତ ଅଞ୍ଚଳରେ ଜମିଦାର ଶାସନ ଚାଲୁଥିଲା ସେହି ସମୟରେ ସ୍ୱର୍ଗତ ଆଚାର୍ଯ୍ୟ ଶିକ୍ଷାର ବିକାଶ କରି ନିଜ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିଥିଲେ। ଶିକ୍ଷାର ପ୍ରସାର ଦିଗରେ ବୈକୁଣ୍ଠ ନାଥ ମହାଦ୍ରୁମ ଥିଲେ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ଲେଖିକା ,ଗାଳ୍ପିକା ଡଃ ସୁଲୋଚନା ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଓଡିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଡ. ପୀତାମ୍ବର ଆଚାର୍ଯ୍ୟ ଯୋଗଦେଇ ଥିଲେ।

ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ ବୈକୁଣ୍ଠନାଥ କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ ସବୁ କ୍ଷେତ୍ରରେ ଅଗ୍ରଣୀ ଥିଲେ। ନିଜ ଅଞ୍ଚଳର ବିକାଶ ପାଇଁ ସେ ପ୍ରତିଶ୍ରୁତିବଦ୍ଧ ଥିଲେ ବୋଲି କହିଥିଲେ। ଆଲୁମ୍ନିର ସଭାପତି ପ୍ରକାଶ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ର ବିପିନ ମଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର 'ପାରିଜାତ' ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଓ ମନିଷା ମିଶ୍ର ପରିଚାଳନା କରିଥିଲେ। ପରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ପୁରାତନ ଛାତ୍ର, ଅଭିଭାବକ,ବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ଜଙ୍ଗଲ ନିଆଁକୁ ରୋକିବାକୁ ସଚେତନତା ଶିବିର

**ରାଜନଗର, ୨।୨ (ଭାସ୍କର ରାଉତରାୟ)**

ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଗୁପ୍ତିଠାରେ ରବିବାର ଜଙ୍ଗଲ ନିଆଁକୁ କିପରି ରୋକାଯାଇପାରିବ ସେନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରାଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ଶିବିରରେ ଅତିରିକ୍ତ ବନ ସଂରକ୍ଷଣ ଗଗନ ବିହାରୀ ମଲ୍ଲିକ, ଏସିଏଫ୍ ପୁନମ ହୀରା ହାଁସଦା, ରାଜନଗର ଅଗ୍ନିଶମ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ବିଶ୍ୱତାପନ ଯୋଗୁ ଜଳବାୟୁ ଅହେତୁକ ପରିବର୍ତ୍ତନ ଓ ବ୍ୟତିକ୍ରମ ଋତୁଚକ୍ର ଯୋଗୁ ସାରା ବିଶ୍ୱରେ ଏବେ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗି ବହୁ ବନ୍ୟଜାତ ଦ୍ରବ୍ୟ, ବିରଳ ବୃକ୍ଷରାଜି ପୋଡ଼ି ଯାଉଛି। ଏପରି ସମ୍ବେଦନଶୀଳ ଘଟଣାରେ ଭିତରକନିକା ହେନ୍ତାଳବଣ, ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ସୀମା ମଧ୍ୟରେ ଥିବା ଲୋକ ଜଙ୍ଗଲରେ ନିଆଁ ନ ଲଗାଇବାକୁ ପରାମର୍ଶ ଦିଆଯିବ ସହ ବନ ବିଭାଗର କଠୋର ଆଇନର ବିଭିନ୍ନ ଦିଗ ଉପରେ ସଚେତନତା କରାଯାଇଥିଲା। ଫରେଷ୍ଟର ବିଭୁ ପ୍ରସାଦ ତରାଇ ଧନ୍ୟବାଦ ଦେଇଥିବା ବେଳେ ସମସ୍ତ ବନ କର୍ମଚାରୀ, ଇଡିସି ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ।

# ଭିତରକନିକାରେ ଆର୍ଦ୍ରଭୂମି ଦିବସ

**ରାଜନଗର, ୨।୨ (ଭାସ୍କର ରାଉତରାୟ)**

ବିଶ୍ୱ ଆର୍ଦ୍ରଭୂମିର ସଂରକ୍ଷଣ ଏବଂ ବିଶ୍ୱ ମାନବୀୟ ବ୍ୟବହାର ଲାଗି ଓଡ଼ିଶାର ଦ୍ୱିତୀୟ ରାମସାର ସାଇଟ୍‌ର ମାନ୍ୟତା ପାଇଥିବା ଭିତରକନିକାର ଆର୍ଦ୍ରଭୂମିର ସୁରକ୍ଷା କ୍ଷେତ୍ରରେ କିଭଳି ଯତ୍ନବାନ ହୋଇପାରିବା ଏ ନେଇ ରବିବାର ଆଲୋଚନା କରାଯିବା ସହ ସଚେତନତା ସୃଷ୍ଟି କରାଯାଇଥିଲା। ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ଆୟୋଜିତ ଆର୍ଦ୍ରଭୂମି ଦିବସ କାର୍ଯ୍ୟକ୍ରମରେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା ପୌରୋହିତ୍ୟ କରିଥିଲେ। ଏସିଏଫ୍ ଗଗନ ବିହାରୀ ମଲ୍ଲିକ,ଏସିଏଫ୍ ପୁନମ ହୀରା ହାଁସଦା, ଇଡିସି ସଭାପତି ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗଦେଇ ଆର୍ଦ୍ରଭୂମିର ଅବକ୍ଷୟ କ୍ଷେତ୍ରରେ କଳ କାରଖାନା ନିର୍ଗତ ବିଷାକ୍ତ ଜଳର ପ୍ରଭାବ ସହିତ ଚିଙ୍ଗୁଡି ଘେରି ଏହାର ବିପଦର ପ୍ରଧାନ କାରଣ ହୋଇଥିବାରୁ ଆର୍ଦ୍ରଭୂମି ସୀମା ମଧ୍ୟରେ ବସବାସ କରୁଥିବା ଲୋକ ଏ ଦିଗରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏସିଏଫ୍ ମାନସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟଗାର୍ଡ ସୁନୀଲ ରଞ୍ଜନ ରାଉତରାୟଙ୍କ ସମେତ ବନ କର୍ମଚାରୀମାନେ ପରିଚାଳନା କରିଥିବା ବେଳେ ଡାଙ୍ଗମାଳ, ବାଙ୍କଆଳ ଗାଁର ଇଡିସି ସଦସ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଶ୍ରୀଦଧିବାମନଜୀଉଙ୍କ ବସନ୍ତ ପଞ୍ଚମୀ ପର୍ବ ପାଳନ

**କେନ୍ଦ୍ରାପଡ଼ା, ୨।୨ (ଜଗନ୍ନାଥ ଧଳ)**

ଚଉଦକୁଳାଟସ୍ଥ ତମାଳ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉଙ୍କ ବସନ୍ତ ପଞ୍ଚମୀ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କ ଘୋଡ଼ବସ୍ତ୍ର ଉଲାଗି ସହ ବସନ୍ତ ଅବିର ଗ୍ରହଣ ଉତ୍ସବ ଏହି ଅବସରରେ ସମ୍ପନ୍ନ ହୋଇଛି। ଏଥିସହ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଶ୍ରୀଗୋପୀନାଥଜୀଉ ବସନ୍ତ ବଗିଚା ଗମନ କରିଛନ୍ତି। ଅପରାହ୍ନରେ ଶ୍ରୀଜୀଉଙ୍କ କାଞ୍ଚିକାବେରୀ ବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# କେଶବାନନ୍ଦ ନୋଡାଲ ଉ.ପ୍ରା. ବିଦ୍ୟାଳୟ ବାର୍ଷିକ ଉତ୍ସବ

**ରାଜକନିକା, ୨।୨ (ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ କଣ୍ଟପଡାସ୍ଥିତ କେଶବାନନ୍ଦ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଆର୍‌ସିସି କୈଳାସ ଚନ୍ଦ୍ର ସାହୁ, ମୁଖ୍ୟ ବକ୍ତା ଭାବେ ନୋଡାଲ ସିଆର୍‌ସିସି ସଞ୍ଜୟ କୁମାର ବଳ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୌଭାଗ୍ୟ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ କ୍ରୀଡାରେ ଚାମ୍ପିୟନ ହୋଇଥିବା ଆୟୁସ୍ମାନ ନାୟକ ଓ କୁସଲ କୁମାର ସାହୁଙ୍କ ସମେତ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ନିର୍ମଳ ଚନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନରେଶ କୁମାର ବଳ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ କନକଲତା ଦାଶ, ପ୍ରଭାସିନୀ ପଣ୍ଡା, ପ୍ରଜ୍ଞା ପରମିତା ବିଶ୍ୱାଳ, ମୋନାଲିସା ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ରହିଥିଲେ।

# ମା'ଶାନ୍ତିଭଉଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଜଗତ୍‌ସିଂହପୁର, ୨।୨ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର କଣ୍ଟାବଲ୍ଲଭପୁରସ୍ଥିତ ମା'ଶାନ୍ତିଭଉଣୀ ବିଜେଞ୍ଚି ଠାକୁରାଣୀଙ୍କ ପୀଠରେ ଭାଗବତ ପାରାୟଣ, ଜ୍ଞାନଯଜ୍ଞ, ବିଶ୍ୱଶାନ୍ତି ମହାଯଜ୍ଞ, ଷୋଡ଼ଶ ଉପଚାର ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ଚାଲିଛି। ଜାନୁଆରୀ ୨୬ରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟସୂଚୀ ଅନୁଯାୟୀ, ଜାନୁଆରୀ୨୬ ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ପ୍ରତ୍ୟହ ଭାଗବତ ପାରାୟଣ ଜ୍ଞାନଯଜ୍ଞ ସହ ସନ୍ଧ୍ୟାରେ ମା'ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମ (ସରାଆ୍ୟୋ) ପୀଠାଧିଶ ଶ୍ରୀ ଶ୍ରୀ ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ମହାରାଜଙ୍କ ପକ୍ଷରୁ ଧାରାବାହିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ମା'ଙ୍କର କଳସ ଯାତ୍ରା, ଶୁଭ ଅଙ୍କୁର ରୋପଣ, ଅନ୍ୟାଧିବାସ ସମେତ ସନ୍ଧ୍ୟାରେ ଗାୟକ ବନମାଳି ପତିଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ସୋମବାର ମା'ଙ୍କ ମହାସ୍ନାନ, ଅହୋରାତ୍ର ଅଷ୍ଟପ୍ରହର ନାମଯଜ୍ଞ ସମେତ ସନ୍ଧ୍ୟାରେ ହରିହାଟ ଅନୁଷ୍ଠିତ ହେବ। ଫେବୃୟାରୀ ୪ରେ ନଗର କୀର୍ତ୍ତନ, ମହୋତ୍ସବ, ଗୀତାଯଜ୍ଞ ସହ ପୂର୍ଣ୍ଣାହୂତି ହେବ। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଥିବା ମନ୍ଦିର ମୁଖ୍ୟ ପରିଚାଳକ ରବିନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି। ପ୍ରତିବର୍ଷ ମାଘ ସପ୍ତମୀ ତିଥିରେ ମା'ଙ୍କର ବଡ଼ପୂଜା କରାଯାଏ।

# ଗଛ କଟା ବିରୋଧରେ ଜଙ୍ଗଲ କମିଟିର ଧାରଣା ଜାରି



**କୁଜଙ୍ଗ, ୨।୨ (ମନୋଜ ପ୍ରଧାନ)**

ଜିଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରୁ ଜଙ୍ଗଲ କମିଟି ଅଗୋଚରରେ ଗଛ କଟାଯାଉଥିବା ଅଭିଯୋଗରେ ଦିଆଯାଇଥିବା ଧାରଣା ରବିବାର୨ୟ ଦିନରେ ପହଞ୍ଚିଛି। ପ୍ରତିବାଦ ରେ ନୂଆଗାଁ ବାଲିସାହିର ୧୬୨ ଘରିଆ ଜଙ୍ଗଲ କମିଟି ପକ୍ଷରୁ ଦିଆଯାଇଥିବା ଏହି ଧାରଣା ସ୍ଥଳକୁ କମ୍ପାନୀ କର୍ତ୍ତୃପକ୍ଷ ଆସି ନ ଥିବାରୁ ସେମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏଥିସହ ଶତାଧିକ ମହିଳା ଓ ପୁରୁଷ କୁରାଡି, କଟୁରି, ଶାବଳ ଆଦି ଅସ୍ତ୍ର ଶସ୍ତ୍ର ଧରି ଧାରଣା ସ୍ଥଳରେ ବସି ରହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାଲିସାହି ପଡ଼ାର ଥିବା ୨୫ ଏକର ପରିମିତ କୋଠ ଘେରି ସମେତ ଜଙ୍ଗଲ ପାଳି ଘରର କ୍ଷତି ପୂରଣ ମିଳିନାହିଁ। ଅନ୍ୟପଟେ ୧୪ ଜଣ ଲୋକ ପାନ ବରଜ କ୍ଷତି ପୂରଣ ପାଇ ନ ଥିବା ବେଳେ ରାଶନ କାର୍ଡ ବାବଦକୁ ୮୮ ହଜାର ଟଙ୍କା ଅନୁକମ୍ପା ରାଶି କେତେଜଣ ଲୋକ ପାଇନାହାନ୍ତି। ଏସବୁ ଦାବି ପୂରଣ କରିବା ପରେ ଗଛ କଟା ଗଲେ ସେମାନଙ୍କର କୌଣସି ଆପତ୍ତି ନାହିଁ ବୋଲି ଜଙ୍ଗଲ କମିଟି ସଭାପତି ବିଜୟ ନାୟକ, ସମ୍ପାଦକ ସର୍ବେଶ୍ୱର ମଲ୍ଲିକ, ଉପସଭାପତି ବିଷ୍ଣୁ ଚରଣ ଲେଙ୍କା, ମାନଗୋବିନ୍ଦ ପ୍ରଧାନ, ସୁଶାନ୍ତ ଦାସ, ବିପିନ ପ୍ରଧାନ, ଗୌରହରି ଦାସ, ଆରତି ଦାସ, ମଞ୍ଜୁଲତା ମଲ୍ଲିକ ପ୍ରମୁଖ କହିଛନ୍ତି। ଏସମ୍ପର୍କରେ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି, ସ୍ଥାୟୀ ପ୍ରାଚୀର ନିର୍ମାଣ ପରେ ଗ୍ରାମ୍ୟ କମିଟିକୁ ଅର୍ଥ ପ୍ରଦାନ କରାଯିବ। ମାତ୍ର ବର୍ତ୍ତମାନ ଯେଉଁ ପ୍ରାଚୀର ହୋଇଛି ତାହା ଅସ୍ଥାୟୀ। ଅନ୍ୟପଟେ କ୍ଷୟକ୍ଷତି ଆକଳନ ବେଳେ ଉକ୍ତ ଘେରିଟି କାର୍ଯ୍ୟକ୍ଷମ ନ ଥିଲା। ଏହାକୁ ବିଚାରକୁ ନିଆଯାଇ ନାହିଁ। କାଜୁ ଗଛ ସଂକ୍ରାନ୍ତ ରେ କହିଥିଲେ ପୂର୍ବ ଜଙ୍ଗଲ କମିଟି କ୍ଷତି ପୂରଣ ନେଇ ସାରିଛି। ସେମାନେ ପୂର୍ବ କମିଟି ଠାରୁ ବୁଝିବା ଆବଶ୍ୟକ। ଏହା ତାଙ୍କର ଆଭ୍ୟନ୍ତରୀଣ ବ୍ୟାପାର। କମ୍ପାନୀର କିଛି କରିବାର ନାହିଁ। ରାଶନ କାର୍ଡ ବାବଦ ଭତ୍ତା ଓ ପାନବରଜ କ୍ଷତିପୂରଣ ସଂକ୍ରାନ୍ତ ରେ ଜିଲା ପ୍ରଶାସନ ଯାହା ନିଷ୍ପତ୍ତି ନେବ କମ୍ପାନୀ ତାହାକୁ ମାନିବ।

# ହେଲମେଟ ପିନ୍ଧିବାକୁ ପରାମର୍ଶ

**ପାରାଦୀପ, ୨।୨ (ଶରତ ରାଉତ)**

**ସଡ଼କ ସୁରକ୍ଷା ସଚେତନତା**

ପାରାଦୀପ ଅଠରବାଙ୍କୀ ଗୋଲେଇ ଛକରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶପ୍ରୟାସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନ ସଦସ୍ୟମାନେ ଭାରିଯାନ ଚାଳକ ଠାରୁ ଆରମ୍ଭ କରି ବାଇକ ଆରୋହୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ରାସ୍ତା ନିୟମ ମାନି ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ବାଇକ୍ ଆରୋହୀ ହେଲ୍‌ମେଟ ପିନ୍ଧିବା ଏବଂ କାର ଚାଳକ ସିଟ ବେଲ୍ଟ ବାନ୍ଧିବାକୁ କୁହାଯାଇଥିଲା। ଯେଉଁମାନେ ହେଲମେଟ୍ ପିନ୍ଧି ଗାଡ଼ି ଚଳାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଓ ଚକ୍‌ଲେଟ ଦେଇ ମନୋବଳ ବଢ଼ାଯାଇଥିଲା। କାର୍ଯ୍ୟକ୍ରମକୁ ଅମୀୟ ପ୍ରସାଦ ଦାସ, ଦେବୀପ୍ରସାଦ ସାହୁ, ବିଷ୍ଣୁ ଚରଣ ମୁଦୁଲି, ଭଞ୍ଜ କିଶୋର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ପାର୍କ ନିର୍ମାଣ ନାଁରେ ଲକ୍ଷାଧିକ ଟଙ୍କା ଚଳୁ

## ବିଲ୍ ପାଇବା ପରେ ଗୋଦାମସ୍ଥଳ ପାଲଟିଛି ନିର୍ମାଣାଧୀନ ପାର୍କ

ନୂଆଗାଁ,୨।୨(ଧନେଶ୍ୱର ସାହୁ)


ପାର୍କ ନିର୍ମାଣ ସ୍ଥାନରେ ମେଟାଲ,ଡଷ୍ଟ, ହ୍ୟୁମ ପାଇପ୍ ରହିଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତରେ ପାର୍କ ନିର୍ମାଣ ନାଁରେ ଅଳ୍ପ କିଛି କାମ କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଛି। ଏହାପରେ ନିର୍ମାଣଧୀନ ପାର୍କରେ ଚିପ୍ସ, ମେଟାଲ ଓ ଡଷ୍ଟର ଗୋଦାମସ୍ଥଳ ପାଲଟିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ କରିବା ପାଇଁ ସରକାର ଅନୁଦାନ ଦେଉଛନ୍ତି। ସେହି ଅନୁସାରେ ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତ ଗାତେରୀଠାରେ ପାର୍କ ନିର୍ମାଣ ପାଇଁ ୨୦୨୨–୨୩ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଠାରେ ନିର୍ମାଣ କରାଯାଇଥିବା ସୂଚନା ଫଳକ ଅନୁସାରେ ମଞ୍ଜୁର ହୋଇଥିବା ୫ ଲକ୍ଷ ଟଙ୍କାରୁ ୨ ଲକ୍ଷ ୨୩ ହଜାର ୫୪୮ ଟଙ୍କା ବ୍ୟୟ କରାଯାଇଥିବା ଦର୍ଶାଯାଇଛି। କିନ୍ତୁ ପାର୍କ ନିର୍ମାଣ କାମ କେବେ କାର୍ଯ୍ୟାରମ୍ଭ ହୋଇ କେଉଁ ତାରିଖ ସୁଦ୍ଧା ଶେଷ ହୋଇଥିଲା ତାହା ଉଲ୍ଲେଖ ନାହିଁ। ଅନ୍ୟପକ୍ଷେ କେତେଜଣ କୁଶଳୀ ଓ ଅଣ କୁଶଳୀ କାରିଗର ନିୟୋଜିତ ହୋଇଥିଲେ ସେ ସଂକ୍ରାନ୍ତରେ କୌଣସି ତଥ୍ୟ ନାହିଁ। ପାର୍କ ପାଇଁ ସରକାରୀ ଅର୍ଥରୁ ଅଳ୍ପ କିଛି ଖର୍ଚ୍ଚ କରି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ କରାଯାଇଛି। ସେହି ସ୍ଥାନରେ ବିଭିନ୍ନ ନିର୍ମାଣ ସମାଗ୍ରୀ ଜମା କରାଯାଇଥିଲା। ଅଳ୍ପ କିଛି ଅର୍ଥ ଖର୍ଚ୍ଚ କରି ତାହା ସମତୁଲ କରାଯାଇଥିବା ବେଳେ ମହିପୁରଠାରୁ ବାହାଡାଝୋଲା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରୁଥିବା ଠିକାଦାର ନିଜର ଚିପ୍ସ, ମେଟାଲ, ଡଷ୍ଟ ଆଦି ଗଦାକରି ରଖିଥିଲେ। ସେହି କାମକୁ ଦେଖାଇ ଠିକାଦାର ଓ ଦାୟିତ୍ୱରେ ଥିବା ଯନ୍ତ୍ରୀ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଲକ୍ଷାଧିକ ଟଙ୍କା ଚଳୁ କରିଥିବା ଅଭିଯୋଗ ହେଉଛି।

ପାର୍କ ନିର୍ମାଣ ପାଇଁ ଚିହ୍ନିତ ସ୍ଥାନରେ ଉର୍ବର ମାଟି ପକାଇବାର ଆବଶ୍ୟକତା ରହିଛି। ହେଲେ ସେହି ସ୍ଥାନରେ ଠିକାଦାର ପଥର ଗୁଣ୍ଡ, ଡଷ୍ଟ, ମେଟାଲ, ହ୍ୟୁମ ପାଇପ୍ ଆଦି ଗଦା କରି ରଖିଛନ୍ତି। ହେଲେ ଦାୟିତ୍ୱରେ ଥିବା ଯନ୍ତ୍ରୀ, ଅନ୍ୟ ଅଧିକାରୀ ତଥା ଜନ ପ୍ରତିନିଧି ଏହାକୁ ବିରୋଧ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବାବଦରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରୁ ମୁଁ ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି।

# ସେବା ପାଇଁ ପ୍ରତିଶ୍ରୁତି ଦେଲେ ପୁରାତନ ସହପାଠୀ


ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର।

## ୧୯୭୩ ବ୍ୟାଚ୍‌ର ବନ୍ଧୁ ମିଳନ

ଖଣ୍ଡପଡ଼ା,୨।୨(ଅଜୟ କୁମାର ମହାରଣା)

ସାମ୍ପ୍ରତିକ ସମାଜରେ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସେତେଟା ପରିଲକ୍ଷିତ ହେଉନି। ଆଜିର ଯୁବ ପିଢି ପ୍ରାୟତଃ ଗୁରୁ ଭକ୍ତି କିମ୍ବା ପୂଜ୍ୟପୂଜାକୁ ସମ୍ମାନ ଦେବା ଦେଖିବାକୁ ମିଳୁନି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ଓ କୁଞ୍ଜ ବିହାରୀ ବାଳିକା ବିଦ୍ୟାଳୟର ୧୯୭୩ ମାଟ୍ରିକ ବ୍ୟାଚ୍‌ର ସହପାଠୀମାନେ ଶୁକ୍ରବାର ପଥରଚକଡାସ୍ଥିତ ମା'ନାରାୟଣୀ ପୀଠରେ ଏକତ୍ରୀତ ହୋଇ ଅନ୍ୟ ପାଇଁ କିଛି କରିବା ପାଇଁ ପ୍ରସ୍ତାବ ଗ୍ରହଣ କରିଛନ୍ତି। ଉକ୍ତ ବ୍ୟାଚର ୬୦ରୁ ଊର୍ଦ୍ଧ୍ୱ ସହପାଠୀ, ସହପାଠିନୀ ସପରିବାର ଏକାଠି ହୋଇ ପରସ୍ପର ସହିତ ଭାବ ବିନିମୟ ହୋଇଥିଲେ। ସହପାଠୀମାନଙ୍କ ମଧ୍ୟରେ କେତେଜଣ ଡାକ୍ତରୀ ଜୀବନରୁ ଅବସର ନେଇଛନ୍ତି। ସେମାନେ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡିଥିବା ବ୍ୟକ୍ତି ତଥା ସହପାଠୀଙ୍କୁ ସ୍ୱାସ୍ଥ୍ୟଗତ ସେବା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାଛଡା ସହପାଠୀମାନଙ୍କ ବିଭିନ୍ନ ଅସୁବିଧା ସମୟରେ ସେମାନଙ୍କୁ ସହଯୋଗର ହାତ ବଢାଇବା ନିମନ୍ତେ ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଏ ପରିପ୍ରେକ୍ଷୀରେ ସହପାଠୀ ମଞ୍ଜୁଲତା ସାହୁ, ବିମଳା ମହାରଣା, ହରିହର ଦାଶ, ଅଖିଳ କୁମାର ମହାରଣା, ଇଂ ସନ୍ତୋଷ କୁମାର ସାହୁ, ବନମାଳୀ ସାହୁ, ସୁକାନ୍ତ କୁମାର ମହାରଣା, ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ଉଦ୍ୟମ କ୍ରମେ ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମସ୍ତ ସହପାଠୀ ପରିବାର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଦଶପଲ୍ଲାରେ ସରସ୍ୱତୀ ପୂଜା


ବୀଣାପାଣି ବଜାରରେ ପୂଜା ପାଇଥିବା ସରସ୍ୱତୀ।

ଦଶପଲ୍ଲା,୨।୨( ପ୍ରକାଶ କୁମାର ପାଣି)

ରବିବାର ପବିତ୍ର ସରସ୍ୱତୀ ପୂଜା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବିଭିନ୍ନ ତୋରଣ ନିର୍ମାଣ କରାଯିବା ସହିତ ରଙ୍ଗୀନ ଆଲୋକମାଳାରେ ସଜା ଯାଇଛି। ସକାଳୁ ଛାତ୍ରୀଛାତ୍ରମାନେ ନୂଆ ପୋଷାକ ପିନ୍ଧି ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ବୀଣାପାଣି ବଜାରଠାରେ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଣିକ ସଂଘର ସମସ୍ତ ସଦସ୍ୟ ଏଥିରେ ଯୋଗଦେଇଥିଲେ।

# ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା


ମା' ସରସ୍ୱତୀଙ୍କୁ ଯୁବତୀମାନେ ପୂଜାର୍ଚ୍ଚନା କରୁଛନ୍ତି।

ଖଣ୍ଡପଡ଼ା,୨।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳର ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ,ବାଳିକା ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ଶିକ୍ଷା କେନ୍ଦ୍ର, ମଧୁବନ ନୋଡାଲ ବିଦ୍ୟାଳୟ, ଟାଉନ ବାଳିକା ପ୍ରାଇମେରୀ ବିଦ୍ୟାଳୟ, କଣ୍ଟିଲୋ କୁଞ୍ଜ ବିହାରୀ ନୋଡାଲା ଉଚ୍ଚ ବିଦ୍ୟାଳୟ, ନୀଳମାଧବ ନୋଡାଲ ହାଇସ୍କୁଲ, ନୀଳମାଧବ ମହାବିଦ୍ୟାଳୟ ସହିତ ଖଳିସାହି, ବେଣାଗାଡିଆ, ସିଧାମୂଳା ତଥା ବିଭିନ୍ନ ସ୍ଥାନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନରେ ରବିବାର ବିଦ୍ୟାଦାତ୍ରୀ ସରସ୍ୱତୀ ଦେବୀଙ୍କ ପୂଜା ମହାଆଡମ୍ବରେ ପାଳିତ ହୋଇ ଯାଇଛି। ଆଜିର ଏହି ପବିତ୍ର ଦିବସରେ ଖଣ୍ଡପଡା ଅଞ୍ଚଳର ବହୁ କୁନି କୁନି ପିଲା ସେମାନଙ୍କ ଅଭିଭାବକମାନଙ୍କ ସହ ସ୍ଥାନୀୟ ଅବଧାନ, ପୁରୋହିତ ଏବଂ ବିଭିନ୍ନ ମନ୍ଦିରକୁ ଯାଇ ନୂତନ କରି ଖଡିଛୁଆଁ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ସୂଚନାଯୋଗ୍ୟ, ପିଲାମାଙ୍କୁ ୪ ବର୍ଷ ପୂରଣ ହେବା ପରେ ଏହି ଖଡିଛୁଆଁ ପର୍ବ ଅନୁକୂଳ ହୋଇଥାଏ। ମାତ୍ର ସମ୍ପ୍ରତି ପିଲାମାନେ ୨ ବର୍ଷ ପରଠାରୁ ବିଭିନ୍ନ ପ୍ଲେସ୍କୁଲକୁ ଯାଉ ଥିବାରୁ ଏବେ ସେହି ପିଲାମାନଙ୍କୁ ଖଡିଛୁଆଁ ପର୍ବରେ ସାମିଲ କରାଯାଇଥିବା ଦେଖିବାକୁ ମିଳିଥିଲା।

# କିଶୋରପ୍ରସାଦ ଦଳ ବିଜୟୀ

## ମା'ମଙ୍ଗଳା କ୍ରିକେଟ୍ ଟୁର୍ନାମେଣ୍ଟ

ଖଣ୍ଡପଡ଼ା,୨।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ମା'ମଙ୍ଗଳା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଚାଲିଥିବା ଟି–୨୦ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଦ୍ୱିତୀୟ ଦିବସରେ କିଶୋରପ୍ରସାଦ କ୍ରିକେଟ୍ କ୍ଲବ ୧୨ ରନରେ ଗୁଣ୍ଠୁଣି କ୍ରିକେଟ୍ ଟିମକୁ ହରାଇ ବିଜୟୀ ହୋଇଛି। କିଶୋରପ୍ରସାଦ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଗୁଣ୍ଠୁଣି ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ମାତ୍ର ୯୭ ରନ ସଂଗ୍ରହ କରି ପରାଜୟର ସମ୍ମୁଖୀନ ହୋଇଥିଲା। ପ୍ରଶାନ୍ତ କୁମାର ନାୟକ ଓ ଆଲୋକ ନାୟକ ଖେଳକୁ ପରିଚାଳନା କରିଥିଲେ। ହାପି ବାବୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାବା ସାହେବ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳଙ୍କୁ ବାବାସାହେବଙ୍କ ଫଟୋ ଚିତ୍ର ପ୍ରଦାନ କରି ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

# ଶିଳାନ୍ୟାସ ଫଳକରେ ଅଟକିଛି ପାଠାଗାର ନିର୍ମାଣ

ଖଣ୍ଡପଡ଼ା,୨।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ପରିସରରେ ଏକ ନୂତନ ପାଠାଗାର ନିର୍ମାଣ ପାଇଁ ୨୦୨୩ ଫେବୃଆରୀ ୧ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତତ୍କାଳୀନ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଇତିମଧ୍ୟରେ ୨ବର୍ଷ ବିତି ଯାଇଥିଲେ ହେଁ ପାଠାଗାର ନିର୍ମାଣ କାର୍ଯ୍ୟ ଆଗେଇବା ତ ଦୂରର କଥା ଟଙ୍କାଟିଏ ଅନୁଦାନ ଅର୍ଥ ମିଳି ନ ଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ରାଜନୈତିକ ଇଚ୍ଛାଶକ୍ତି ଅଭାବ ସାଙ୍ଗକୁ ଉଚ୍ଚ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ପାଠାଗାର ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନ ଥିବା ସୂଚନା ମିଳିଛି। ଉକ୍ତ ମହାବିଦ୍ୟାଳୟରେ ଏବେ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀରେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଶତପଥୀ କହିଛନ୍ତି। ଛାତ୍ରୀଛାତ୍ରଙ୍କ ହିତକୁ ଦୃଷ୍ଟିରେ ରଖି ମହାବିଦ୍ୟାଳୟ ପରିସରରେ ତୁରନ୍ତ ନୂତନ ପାଠାଗାର ନିର୍ମାଣ ପାଇଁ ଆବଶ୍ୟକୀୟ ଅନୁଦାନ ଅର୍ଥ ମଞ୍ଜୁର କରିବାକୁ ସାଧାରଣରେ ଦାବି ହେଉଛି।



ପାଠାଗାର ପାଇଁ ଶିଳାନାସ ଫଳକ।

# ପରିଚୟ ଗୃହ ହରାଉଛି ପରିଚୟ


ଅବହେଳିତଭାବେ ପଡ଼ିଥିବା ପରିଚୟ ଗୃହ।

ଖଣ୍ଡପଡ଼ା,୨।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ୧୩ନଂ. ୱାର୍ଡ ସ୍ଥିତ ପରିଚୟ ଗୃହଟି ସ୍ଥାନୀୟ ବାସିନ୍ଦାଙ୍କ କାର୍ଯ୍ୟରେ ଆସୁ ନାହିଁ। ପରିଚୟ ଗୃହ ତାର ନିଜସ୍ୱ ପରିଚୟ ହରାଉଛି ବୋଲି ଅଭିଯୋଗ ହୋଇଛି। ଏହାର ସୁଯୋଗ ନେଇ ଅସାମାଜିକ ଯୁବକ ଓ ନିଶାସକ୍ତ ବ୍ୟକ୍ତିମାନେ ଦିନ,ରାତି ସେଠାରେ ଭଡ଼ ଜମାଉଛନ୍ତି। ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନାରେ ୭.୨୦ ଲକ୍ଷ ଟଙ୍କା ବ୍ୟୟରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ବର୍ଷକ ତଳେ ଏହି ପରିଚୟ ଗୃହଟି ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ନିର୍ମାଣ କରାଯାଇଥିଲା। ମାତ୍ର ଅଦ୍ୟାବଧି ସେଠାରେ ଉଜ୍ୱଳ ଆଲୋକ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇନାହିଁ। ଏପରି କି ଏହାର ରକ୍ଷଣାବେକ୍ଷଣ ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପରିଚୟ ଗୃହ ପରିସରରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତ। ଏଥରପ୍ରତି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷା ଦୃଷ୍ଟି ଦେବାକୁ ଦାବି ହେଉଛି।

# ରଣପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ରଣପୁର,୨।୨(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରାଜସୁନାଖଳା ମହାବିଦ୍ୟାଳୟର ପ୍ରତିଷ୍ଠାତା,ରଣପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ, ରାଜସୁନାଖଳା ଦୁର୍ଗାବଜାରର ପୂର୍ବତନ ସଭାପତି ତଥା ରାଜସୁନାଖଳା ଦୋଳଯାତ୍ରା କମିଟିର ପୂର୍ବତନ ସଭାପତି ମଧୁସୂଦନ ମହାପାତ୍ରଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ମଧୁ ଅଜା ନାମରେ ପରିଚିତ ଥିଲେ। ତାଙ୍କ ପରଲୋକରେ ରାଜସୁନାଖଳା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୁନାଖଳା ସରପଞ୍ଚ ଚିତ୍ତ ରଞ୍ଜନ ପ୍ରଧାନ, ସମିତି ସଭ୍ୟ ତପନ ପ୍ରଧାନ, ବ୍ଲକ ବିଜେଡି ସଭାପତି ସଚ୍ଚିଦାନନ୍ଦ ଷଡ଼ଙ୍ଗୀ, ରାଜସୁନାଖଳା କଲେଜ ଅଧ୍ୟକ୍ଷଙ୍କ ସହିତ ସମସ୍ତ କର୍ମଚାରୀ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ନୀଳମାଧବଙ୍କ ଜାମାଲାଗି ବେଶ ଆରମ୍ଭ

ଖଣ୍ଡପଡ଼ା,୨।୨
(ଅଜୟ କୁମାର ମହାରଣା)

ପବିତ୍ର ବସନ୍ତ ପଞ୍ଚମୀ ତିଥି ରବିବାରଠାରୁ ବସନ୍ତ ଋତୁର ଆରମ୍ଭ ହୋଇଛି। ଏହି ତିଥିରୁ ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋ ନୀଳମାଧବଙ୍କ ଜାମାଲାଗି ବେଶ ଆରମ୍ଭ ହୋଇଛି। ଏଥିସହିତ ଆଜିଠାରୁ ଠାକୁରଙ୍କ ବାହ୍ୟଯାତ୍ରାର ଶୁଭାରମ୍ଭ ହୋଇଥିବା ଦେବୋତ୍ତର କାର୍ଯ୍ୟାଳୟ ସୁତ୍ରରୁ ଜଣା ପଡିଛି। ବସନ୍ତ ଋତୁ ଆରମ୍ଭରୁ ଶ୍ରୀଜୀଉଙ୍କ ବସନ୍ତ ଉତ୍ସବ ମଧ ଆରମ୍ଭ ହୋଇଛି। ଏହି ଅବସରରେ ଠାକୁରଙ୍କ ସନ୍ଧ୍ୟା ଆଳତି ପରେ ଜାମାଲାଗି ହୋଇ ପରମ୍ପରା ଅନୁଯାୟୀ ନୀଳମାଧବଙ୍କ ଦୟଣାଚୋରୀ ବଗିଚାକୁ ବିଜେ ହୋଇଥିଲେ। ଠାକୁରଙ୍କ ଏହି ଉତ୍ସବ ଆସନ୍ତା ଦୋଳ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲୁ ରହିବ। ସୂଚନାଯୋଗ୍ୟ, ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀଜୀଉ ଗତ ଓଢଣ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଓଢଣ ଲାଗି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।


ନୀଳମାଧବଙ୍କ ଜାମାଲାଗି ବେଶ।

# ଶାଳଝରିଆ ଟିମ୍ ବିଜୟୀ

## ବରୁଣେଇ ଟି-୨୦କ୍ରିକେଟ୍

ଖଣ୍ଡପଡ଼ା,୨।୨
(ଅଜୟ କୁମାର ମହାରଣା)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳୀ।

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡିୟମରେ ଚାଲିଥିବା ୧୮ତମ ବରୁଣେଇ ଟି–୨୦ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ୭ମ ଲିଗ୍ ମ୍ୟାଚରେ ଶାଳଝରିଆ କ୍ରିକେଟ କ୍ଲବ୍‌ଭୋଗଡା କ୍ରିକେଟ୍ ଟିମ୍‌କୁ ୫୯ ରନରେ ହରାଇ ବିଜୟୀ ହୋଇଛି। ଶାଳଝରିଆ ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଭୋଗଡା ଦଳ ୧୧.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୭୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଦଳର ବିଭୁତି ସ୍ୱାଇଁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବାପି ଦଳେଇ ଓ ଦୀପୁ ବେହେରା ଖେଳକୁ ପରିଚାଳନା କରିଥିଲେ। ଶେଷଦେବ ବେହେରା ଓ ସୁରଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଭାବେ ଶିଶିର କୁମାର ମହାରଣା, ତପନ ମହାପାତ୍ର ଓ ଶୁଭ୍ରାଂଶୁ ମହାରଣା ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ସୋମବାର ବରୁଣେଇ(ଏ) କ୍ରିକେଟ କ୍ଲବ ସହିତ ମାଧପୁର କ୍ରିକେଟ୍ କ୍ଲବର ମୁକାବିଲା ହେବ।

# ରାସ୍ତାପାର୍ଶ୍ୱରେ ଗଦା ହୋଇଛି ଧାନବସ୍ତା

## ଅବ୍ୟବସ୍ଥା ଘେରରେ ଖଣ୍ଡପଡ଼ା ସେବା ସମବାୟ ସମିତି ଧାନମଣ୍ଡି

ଖଣ୍ଡପଡ଼ା,୨।୨(ଅଜୟ କୁମାର ମହାରଣା)


ରାସ୍ତାରେ ଗଦା ହୋଇ ରହିଥିବା ଧାନବସ୍ତା।

ଖଣ୍ଡପଡ଼ା ସେବା ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରେ ବିଭିନ୍ନ ଅବ୍ୟବସ୍ଥାରେ ଚାଲିଛି। ଏନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଧାନର ମାନ ଯାଞ୍ଚ ଓ କୁଇଣ୍ଟାଲ ପିଛା ୭ରୁ ୮ କେଜି ଧାନ କାଟକୁ ନେଇ ଚାଷୀମାନେ ପ୍ରତିବାଦ କରୁଛନ୍ତି। ସେବା ସମବାୟ ସମିତି ପରିସରରେ ସ୍ଥାନର ଅଭାବ ଯୋଗୁ ରାସ୍ତା ପାର୍ଶ୍ୱରେ ଚାଷୀମାନେ ହଜାର ହଜାର ଧାନବସ୍ତା ରଖିଛନ୍ତି। ଏହାଦ୍ୱାରା ସେହି ରାସ୍ତାରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ସପ୍ତାହର କେତେକ ନିର୍ଦ୍ଦିଷ୍ଟ ଦିନରେ ମିଲର ମଣ୍ଡିରେ ରହି ଧାନ କ୍ରୟ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ମାତ୍ର ଅସୁବିଧା ବଶତଃ ଯଦି ମିଲର କେବେ ମଣ୍ଡିକୁ ନ ଆସୁଛନ୍ତି ଧାନ କିଣା ବନ୍ଦ ରହିବା ସହ ଚାଷୀମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଛି। ରାସ୍ତା ପାର୍ଶ୍ୱରେ ଗଦା ହୋଇ ରହିଥିବା ଧାନ ବସ୍ତାଗୁଡିକୁ ଜଗାରଖା ନିମନ୍ତେ ଚାଷୀମାନଙ୍କୁ ନାକେଦମ ହେବାକୁ ପଡୁଛି। ଶୀତ ସରିଛି। ଏବେ ଖରାରେ ପଡି ରହି ଚାଷୀମାନେ ଧାନ ବସ୍ତାଗୁଡିକୁ ଜଗି ରହିବାକୁ ବାଧ୍ୟ ହେଉଛନ୍ତି। ସେବା ସମବାୟ ସମିତି ପରିସରରେ ଧାନ ବସ୍ତା ମହଜୁଦ ରଖିବା ପାଇଁ ଏକ ଗୋଦାମ ଗୃହର ଆବଶ୍ୟକତା ରହିଛି। ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ଧାନ କ୍ରୟ ବେଳେ କଟ୍‌ନି ଛଟ୍‌ନି ବନ୍ଦ କରିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହଲରୁ ଦାବି ହେଉଛି। ନୟାଗଡ଼ ଜିଲାପାଳ ଓ ଯୋଗାଣ ଅଧିକାରୀ ଏଥିପ୍ରତି ପଦକ୍ଷେପ ନିଅନ୍ତୁ ବୋଲି ଚାଷୀମାନେ ଅନୁରୋଧ କରିଛନ୍ତି।

